**କଲେଜରୁ ଛାତ୍ରୀ ଚମ୍ପଟ**
ଅନୁଗୋଳ ଅଫିସ, ୯।୧୧: ଅନୁଗୋଳ ସହରର ଏକ କଲେଜରେ ପଢୁଥିବା ଜଣେ ୧୭ ବର୍ଷୀୟା ଛାତ୍ରୀ ପ୍ରେମିକଙ୍କ ସାଙ୍ଗରେ ଚମ୍ପଟ ମାରିଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଛାତ୍ରୀଙ୍କ ମା' ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସବୁଦିନ ଭଳି ଛାତ୍ରୀ ଜଣକ କଲେଜ ଆସିଥିଲେ ହେଁ ଆଉ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିବା ପୋଲିସ ପ୍ରକାଶ କରିଛି।



## ସଂକ୍ଷେପରେ

### ଖୋଲଡ଼ଙ୍ଗିଆଣିରେ କାର୍ତ୍ତିକେଶ୍ୱର ପୂଜା



ବଇଣ୍ଡା, ୯।୧୧ (ଡି.ଏନ.ଏ.): କିଶୋରନଗର ବ୍ଲକ ନାକିଚି ପଞ୍ଚାୟତର ଖୋଲଡ଼ଙ୍ଗିଆଣି ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ପାଳିତ ହୋଇଯାଇଛି। ରଙ୍ଗବେରଙ୍ଗର ଆଲୋକ ମାଳାରେ ପୂଜା ମଣ୍ଡପ ଝଲସି ଉଠିଥିବା ବେଳେ କମିଟିର ମଧୁ ପ୍ରଧାନ, କୁନା ପ୍ରଧାନ, ପିଣ୍ଟୁ ପ୍ରଧାନ, ପରମାନନ୍ଦ ପ୍ରଧାନ, ସୁଜିତ ସାହୁ, କ୍ଷୀରୋଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା, ୯।୧୧ (ଡି.ଏନ.ଏ.): କିଶୋରନଗର ପୋଲିସ ବୁଧବାର ଜାମୁନାଳି ଗ୍ରାମରେ ଚଢ଼ାଉ କରି ଫେରାର ଥିବା ଅଭିଯୁକ୍ତ ସୁଦର୍ଶନ ବାଦାଙ୍କୁ ଗିରଫ କରିଛି। ତାଙ୍କ ନାମରେ ଦୀର୍ଘଦିନ ହେବ ଏକ ଚୋରି ମାମଲା ଥିବାବେଳେ ସେ ଫେରାର ଥିଲେ। ସେ ଘରେ ଥିବା ଖବର ପାଇ କିଶୋରନଗର ଆଇଆଇସି ଲବ ବୋଡା ଚଡାଉ କରି ଗିରଫ କରିଥିଲେ।

# ସ୍ୱୀକୃତି ଅପେକ୍ଷାରେ ସୁପାରିସ

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୯।୧୧



ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର

■ଅନୁଗୋଳର ୫ ପର୍ଯ୍ୟଟନସ୍ଥଳୀକୁ ମିଳୁନି ସରକାରୀ ମାନ୍ୟତା
■ଦୀର୍ଘ ୩ ବର୍ଷ ହେଲା ନାଳିଫିତା ତଳେ ରହିଛି ଫାଇଲ
■ପର୍ଯ୍ୟଟନର ଉନ୍ନତି ପାଇଁ ସରକାରଙ୍କ ଆନ୍ତରିକତା ନ ଥିବା ଅଭିଯୋଗ

ପର୍ଯ୍ୟଟକ ଦେଖିପାରିବେ ପ୍ରାଚୀନ ଐତିହ୍ୟ। ସାକ୍ଷୀ ରହିପାରିବେ ପୁରାତନ ପରମ୍ପରା, କଳା ଓ ସଂସ୍କୃତିର। ହେଲେ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନସ୍ଥଳୀରେ ପହଞ୍ଚାଇବାରେ ପ୍ରତିବନ୍ଧକ ସାଜିଛନ୍ତି ଖୋଦ ରାଜ୍ୟ ସରକାର। ଦୀର୍ଘ ୩ ବର୍ଷ ହେଲା ସ୍ୱୀକୃତି ଅପେକ୍ଷାରେ ଥିବା ସୁପାରିସ ଫାଇଲକୁ ଚାପି ରଖିଛନ୍ତି ନାଳି ଫିତା ତଳେ। ଏଥିପାଇଁ ଅନୁଗୋଳ ଜିଲାର ୫ ପର୍ଯ୍ୟଟନସ୍ଥଳୀକୁ ମିଳିପାରୁନି ସରକାରୀ ମାନ୍ୟତା। ଜିଲା ପର୍ଯ୍ୟଟନର ବିକାଶ ଦିଗରେ ଉଦ୍ୟମ ପରିବର୍ତ୍ତେ ଏଭଳି ଉଦାସୀନତା ଚକିତ କରିଛି ବୁଦ୍ଧିଜୀବୀଙ୍କୁ।

ଅନୁଗୋଳ ଜିଲାରେ ପର୍ଯ୍ୟଟନର ଅପାର ସୁଯୋଗ ରହିଛି। ସାତକୋଶିଆର ଜୈବ ବିବିଧତା ସହ ସମଗ୍ର ପରିଚିତ। ଏଥିସହ ଜିଲାର ମୋଟ ୧୯ଟି ସ୍ଥାନ ରାଜ୍ୟ ପର୍ଯ୍ୟଟନ ମ୍ୟାପରେ ସ୍ଥାନିତ ହୋଇପାରିଛି। ହେଲେ ଜିଲାରେ ଏଭଳି ୫ଟି ସ୍ଥାନ ରହିଛି, ଯାହା ଦେଶ ବିଦେଶର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ସାଜିପାରିବ। ଏହି ୫ଟି ସ୍ଥାନ ହେଲା ପୁରୁଣାଗଡ଼ର ଜଗନ୍ନାଥ ମନ୍ଦିର, କୁକୁଡ଼ାଙ୍ଗର ନାରାୟଣ ସେବାଶ୍ରମ, ମନ୍ଦରଗିରି, କୋଶଳାର ରାମଚଣ୍ଡୀ ପୀଠ ଓ ଅନୁଗୋଳ ସହରସ୍ଥିତ ଶୈଳଶ୍ରୀକ୍ଷେତ୍ର। ଅନୁଗୋଳ-ଟିକରପଡ଼ା ରାସ୍ତାରେ ୧୪ କିଲୋମିଟର ଗଲେ ପୁରୁଣାଗଡ଼ର ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିହେବ। ଏହାର ଅନତି ଦୂରରେ ମଦନମୋହନ ମନ୍ଦିର, ରାଣୀ ମନ୍ଦିର, କୁକୁଟେଶ୍ୱର ମନ୍ଦିର ଓ ୧୨୦୦ ଶତାବ୍ଦୀରେ ନିର୍ମିତ କଳାପାଟ ମନ୍ଦିର ରହିଛି। ଏସବୁ ସ୍ଥାନ ପ୍ରାଚୀନ ଐତିହ୍ୟ ଓ ପରମ୍ପରାର ମୂକସାକ୍ଷୀ ବୋଲି କୁହାଯାଉଛି। ଅନୁଗୋଳର ଗର୍ବ ଓ ଗୌରବ ରାଜା ସୋମନାଥ ସିଂହ ଜଗଦେବଙ୍କ ରାଜପ୍ରାସାଦ ଥିବା ଏହି ଅଞ୍ଚଳ ଅତ୍ୟନ୍ତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ସେହିପରି କୁକୁଡ଼ାଙ୍ଗ ଦେଇ ଯାଇଥିବା ନନ୍ଦିରା ନାଳ ପାର୍ଶ୍ୱରେ ଅବସ୍ଥିତ ନାରାୟଣ ସେବାଶ୍ରମ ଏକ ମନୋରମ ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା। ଏଠାରେ ଥିବା ଅନେକ ଔଷଧୀୟ ବୃକ୍ଷ ଓ ପୁଷ୍ପ ପର୍ଯ୍ୟଟକଙ୍କ ମନକୁ ଢେର୍ ସମୟ ବାନ୍ଧି ରଖିବାରେ ସକ୍ଷମ ହୋଇପାରିବ। ଅନୁଗୋଳ ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ଥିବା ମନ୍ଦରଗିରି ଏକ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଭାବେ ସୁଖ୍ୟାତି ଅର୍ଜନ କରିଛି। ଏଠାରେ ପ୍ରସିଦ୍ଧ ବଡ଼ଖୋଲ ଆଶ୍ରମ, ରାମମନ୍ଦିର ଓ ଠାକୁର ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପର୍ଯ୍ୟଟକଙ୍କୁ ମୋହିତ କରିଥାଏ। ଅନୁଗୋଳ-ବାଗେଡିଆ ରାସ୍ତାରେ ୨୮ କିଲୋମିଟର ପରେ କୋଶଳାର ପ୍ରସିଦ୍ଧ ଦେବୀ ରାମଚଣ୍ଡୀଙ୍କ ପୀଠ ରହିଛି। ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ହେଉଥିବା ରାମଚଣ୍ଡୀଙ୍କ ପ୍ରସିଦ୍ଧ ଯାତ୍ରା ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହା ଏକ ମନଛୁଆଁ ପିକ୍‌ନିକ୍ ସ୍ପଟ୍। ସେହିପରି ଅନୁଗୋଳ ସହରର ସୁନାଗଡ ପାହାଡ଼ ଉପରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ଶୈଳଶ୍ରୀକ୍ଷେତ୍ର ନାମରେ ପ୍ରସିଦ୍ଧ। ୧୯୭୬ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମନ୍ଦିରର ବିଭିନ୍ନ ପର୍ବପର୍ବାଣି ସ୍ୱତନ୍ତ୍ରତା ବହନ କରି ଭକ୍ତମାନଙ୍କୁ ଆକର୍ଷିତ କରିଥାଏ। ତେଣୁ ଏସବୁ ପର୍ଯ୍ୟଟନ ସ୍ଥାନକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ୨୦୧୯ ମସିହାରେ ଜିଲାସ୍ତରୀୟ କମିଟି ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲା। ହେଲେ ୩ ବର୍ଷ ପରେ ମଧ ଉକ୍ତ ଫାଇଲ ସରକାରୀ ନାଳିଫିତା ତଳୁ ବାହାରିପାରି ନାହିଁ। ଫଳରେ ଏସବୁ ମନୋରମ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳୁନାହିଁ କି ଏହାର ବିକାଶ, ପ୍ରଚାର, ପ୍ରସାର ହୋଇପାରୁ ନାହିଁ। ସେହିପରି ଦୀର୍ଘବର୍ଷ ହେଲା ଜିଲାରେ ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ ନାହାନ୍ତି। ଢେଙ୍କାନାଳ ଜିଲାର ପର୍ଯ୍ୟଟନ ଅଧିକାରୀ ଅନୁଗୋଳ ଜିଲା ଦାୟିତ୍ୱରେ ଅଛନ୍ତି। ଏଥିରୁ ପର୍ଯ୍ୟଟନ ଶିଳ୍ପର ଉନ୍ନତି ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ବାରିହୋଇ ପଡୁଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

### ଇଚ୍ଛାଶକ୍ତି ନ ଥିବା ଭଳି ଲାଗୁଛି



ଜିଲାସ୍ତରୀୟ କମିଟିର ସୁପାରିସ ସରକାରୀସ୍ତରରେ ଅଟକି ରହିଛି। ଏକଥା ପ୍ରଶାସନ ସହ ଜିଲାର ରାଜନୈତିକ ନେତୃବୃନ୍ଦଙ୍କୁ ଅଛପା ନାହିଁ। ହେଲେ ବିଧାୟକମାନେ ଦୀର୍ଘବର୍ଷ ଧରି ନୀରବ ବସିପଡ଼ିଥିବାରୁ ଜିଲା ପର୍ଯ୍ୟଟନର ବିକାଶ ପାଇଁ ସେମାନଙ୍କ ଇଚ୍ଛାଶକ୍ତି ନ ଥିବା ଭଳି ଲାଗୁଛି।
-ଅଗ୍ନେୟ ମହାପାତ୍ର, ଟ୍ୟୁରିଷ୍ଟ ଗାଇଡ୍, ଅନୁଗୋଳ

### ମନ୍ତ୍ରୀଙ୍କ ସହ ଆଲୋଚନା କରିଛି



ଅନୁଗୋଳ ଜିଲାର ୫ଟି ପର୍ଯ୍ୟଟନସ୍ଥଳୀକୁ କିପରି ସରକାରୀ ମାନ୍ୟତା ମିଳିବ, ସେ ନେଇ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ବିଧାନସଭାରେ ଏ ସମ୍ପର୍କିତ ପ୍ରଶ୍ନ ପଚାରି ସରକାରଙ୍କ ଦୃଷ୍ଟି ଆକର୍ଷଣ ମଧ କରିସାରିଛି। ଖୁବ୍‌ଶୀଘ୍ର ପର୍ଯ୍ୟଟନ ବିଭାଗରୁ ସବୁଜ ସଂକେତ ପ୍ରଦାନ କରାଯିବାର ପ୍ରତିଶ୍ରୁତି ମିଳିଛି।
-ସୁଶାନ୍ତ କୁମାର ବେହେରା, ବିଧାୟକ, ଛେଣ୍ଡିପଦା

### ସରକାର ଅବଗତ ଅଛନ୍ତି



ପର୍ଯ୍ୟଟନସ୍ଥଳୀ ମାନ୍ୟତା ସମ୍ପର୍କିତ ଜିଲାସ୍ତରୀୟ କମିଟିର ସୁପାରିସକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯାଇଥିଲା। ଏ ନେଇ ବିଭିନ୍ନ ସମୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ବୈଠକରେ ଆଲୋଚନା କରାଯାଇଛି। ଦାବି ଅନୁଯାୟୀ ମାନ୍ୟତା ମିଳିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।
-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

# ଏନ୍‌ଟିପିସିର ୪୮ ତମ ପ୍ରତିଷ୍ଠା ଦିବସ

କଣିହାଁ,୯।୧୧(ଡି.ଏନ.ଏ.)



ଏନ୍‌ଟିପିସି କଣିହାଁଠାରେ ୪୮ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରୋଜେକ୍ଟ ମୁଖ୍ୟ କେ.ଏସ୍ ସୁନ୍ଦରାମଙ୍କ ନେତୃତ୍ୱରେ ଡିଏଭି ସ୍କୁଲଠାରୁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପ ତରଙ୍ଗ (ମନୋରଞ୍ଜନ କ୍ଲବ) ପରିସରରେ ଏହି ଗଣଦୌଡ଼ ଶେଷ ହୋଇଥିଲା। ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ, ସିଆଇଏସ୍‌ଏଫ୍ କର୍ମଚାରୀ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପରେ ପ୍ରଶାସନିକ ବିଲ୍ଡିଂ ପରିସରରେ ଏନ୍‌ଟିପିସି ପତାକା ଉତ୍ତୋଳନ କରାଯାଇଥିଲା। ସମସ୍ତ ବରିଷ୍ଠ ଅଧିକାରୀ, ବିଭାଗର ମୁଖ୍ୟ, ୟୁନିୟନ ଏବଂ ଆସୋସିଏଶନର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସୁନ୍ଦରାମ ୧୯୭୫ ମସିହାରେ ଆରମ୍ଭ ହୋଇଥିବା କଣିହାଁ ଏନ୍‌ଟିପିସିର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଦୁଇ ବର୍ଷ ଧରି ଷ୍ଟେଶନକୁ ଦୁର୍ଘଟଣାମୁକ୍ତ କାର୍ଯ୍ୟକ୍ଷେତ୍ରରେ ପରିଣତ କରିଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କମ୍ପାନୀର ସମସ୍ତ ବରିଷ୍ଠ ଅଧିକାରୀ, ୟୁନିୟନ ଏବଂ ଆସୋସିଏଶନର ପ୍ରତିନିଧି, ଲେଡିଜ କ୍ଲବ ସଦସ୍ୟ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।

## 'ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା' ଲୋକାର୍ପିତ

ତାଳଚେର,୯।୧୧(ନି.ପ୍ର)

ତାଳଚେର ବ୍ଲକ ସାଉଥବଲଣ୍ଡାରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ସ୍ୱପ୍ନର ଭାସ୍ୱତୀ ଶ୍ୱେତପଦ୍ମା'ର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। ପବିତ୍ର ପଞ୍ଚୁକ ଅବସରରେ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ମହାଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶାରଦୀୟ ବିଶେଷାଙ୍କକୁ ମା' ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦିକା କବୟିତ୍ରୀ ଅନୀତା ପାଣି, ସହ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ଗବେଷକ ବିଭୁତି ଭୂଷଣ ସାହୁ, ଶିକ୍ଷାବିତ୍ ଡ.ପ୍ରଶାନ୍ତ ରଥ, ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡର ସଦସ୍ୟ ଜଗନ୍ ମୋହନ ଗଡନାୟକ, ରାଜଗୁରୁ ପଙ୍କଜ ଲୋଚନ ପତି, ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ସଦାନନ୍ଦ ପ୍ରଧାନ, ଅନୁକୂଳ ନନ୍ଦ, ସର୍ବେଶ୍ୱର ଧର ଓ ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଅଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଣ୍ଡିକୁ ଥାନାରେ ପରିଣତ ପାଇଁ ଦାବିପତ୍ର

ବଇଣ୍ଡା, ୯।୧୧ (ଡି.ଏନ.ଏ.)



ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ବୁଧବାର ବଇଣ୍ଡା ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ହଣ୍ଡପା ଥାନା ଅଧିକାରୀ ନମିତା ନାୟକ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ଭାବେ ବଇଣ୍ଡା ପରିଚିତ। ନୁନୁକାପସି, ଜାମୁନାଳୀ, ଗାଁବଇଣ୍ଡା ଆଦି ପଞ୍ଚାୟତକୁ ସୁରକ୍ଷା ଦେବା ପାଇଁ ବଇଣ୍ଡାଠାରେ ଫାଣ୍ଡି ସ୍ଥାପନ ହୋଇଛି। ଏଠାରେ ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ୫୫ ନମ୍ବର ଜାତୀୟ ରାଜପଥ ସହ ରେଳପଥ ଥିବାରୁ ଏହି ଅଞ୍ଚଳ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବଇଣ୍ଡାରେ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ୪ଟି ବ୍ୟାଙ୍କ, ୧ଟି ସୋସାଇଟି, ୫ଟି ଏଟିଏମ କାଉଣ୍ଟର ରହିଛି। ଏହାକୁ ସୁରକ୍ଷା ଦେବା ପାଇଁ ଥାନାର ଆବଶ୍ୟକତା ଥିଲେ ମଧ ସରକାର ଫାଣ୍ଡିକୁ ଥାନାରେ ପରିଣତ କରୁନାହାନ୍ତି। ଏ ନେଇ ୧୨ ମାର୍ଚ୍ଚ ୨୦୧୭, ୧ ଜାନୁୟାରୀ ୨୦୧୯ରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ହେଲେ ଏଯାଏ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ବରିଷ୍ଠ ନାଗରିକ ଭଗବାନ ଘିୱାଲା, ଜିତେନ୍ଦ୍ର କୁମାର ବେହେରା, ସମୀର ପ୍ରଧାନ, ସୁନୀଲ ବେହେରା, ରୀତିକୃଷ୍ଣ ତ୍ରିପାଠୀ, ରାଜେନ୍ଦ୍ର ସାହୁ, ପରିକ୍ଷିତ ସାହୁ, ରାଜା ଶର୍ମା, ଟିନା ପୃଷ୍ଟି, ବାଦଲ ବାରିକ ପ୍ରମୁଖ ଦାବି କରିଛନ୍ତି।

# ଡାଲଖାଇ ନୃତ୍ୟରେ ଝୁମିଲେ ଦର୍ଶକ

ଆଠମଲ୍ଲିକ, ୯।୧୧ (ଡି.ଏନ.ଏ.)

ଆଠମଲ୍ଲିକର ଇଷ୍ଟ ଦେବୀ ମା' ମହେଶ୍ୱରୀ ମନ୍ଦିର ସମ୍ମୁଖ ରାସ ମଣ୍ଡପରେ ୫ ଦିନ ବ୍ୟାପୀ ରାସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚକ ଆରମ୍ଭରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ସଂକୀର୍ତ୍ତନ ସହ ରାସମଣ୍ଡପକୁ ଅଣାଯାଇଥିଲା। ପରେ ରାସ ମଣ୍ଡପରେ ନାମ ସଂକୀର୍ତ୍ତନ ସହ ମଙ୍ଗଳବାର ରେଡ୍ ଡ୍ୟାନ୍ସ ଗ୍ରୁପ୍ ତରଫରୁ ସ୍ଥାନୀୟ କଳାକାର ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ବିଭିନ୍ନ ସମ୍ବଲପୁରୀ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାସପୂଜା କମିଟି ସଭାପତି ଦୀନେଶ କୁମାର ସିଂହ, ସମ୍ପାଦକ ଅଜୁ ସିଂହ, ସଭ୍ୟ ସୁଶୀଲ ନାଏକଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।



# ସ୍କୁଲ ଘେରିଲେ ଅଭିଭାବକ, ଗ୍ରାମବାସୀ

ଖମାର, ୯।୧୧ (ଡି.ଏନ.ଏ.)



ଅଭିଭାବକ ଓ ଗ୍ରାମବାସୀ ସ୍କୁଲ ଘେରାଉ କରିଛନ୍ତି।

ପାଲଲହଡ଼ା ବ୍ଲକ ଖମାର ଥାନା ଅନ୍ତର୍ଗତ ଲକ୍ଷ୍ମୀ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାପୀଠ ଶଙ୍ଖପୁରରେ ଦଶମ ପରୀକ୍ଷା କେନ୍ଦ୍ର କରା ନ ଯାଇ ଏକ ବ୍ଲକଗ୍ରାଣ୍ଟ ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଥିବାରୁ ଏହାର ଜୋର୍‌ଦାର ବିରୋଧ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ବୁଧବାର ସେମାନେ ସ୍କୁଲ ଓ ଶିକ୍ଷକଙ୍କୁ ଘେରାଉ କରିଥିଲେ। ଅଭିଭାବକଙ୍କ କହିବା ଅନୁଯାୟୀ, ଦୀର୍ଘ ୨୫ ବର୍ଷରୁ ଅଧିକ ହେବ ଶଙ୍ଖପୁର ଉଚ୍ଚ ବିଦ୍ୟାପୀଠରେ ଦଶମ ପରୀକ୍ଷା କେନ୍ଦ୍ର ଶୃଙ୍ଖଳାର ସହିତ ହୋଇଆସୁଥିଲା। କିନ୍ତୁ ଚଳିତବର୍ଷ ଏଠାରେ ପରୀକ୍ଷା କେନ୍ଦ୍ର ନ ହୋଇ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାପୀଠରେ ପରୀକ୍ଷା କେନ୍ଦ୍ର କରିବାକୁ ଜିଲା ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଶଙ୍ଖପୁର ଉଚ୍ଚ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ର ବିରୋଧରେ କୌଣସି ଅଭିଯୋଗ ଆସିନାହିଁ। ତଥାପି ଏହି ସରକାରୀ ଶିକ୍ଷାନୁଷ୍ଠାନକୁ ବାଦ୍ ଦେଇ ବ୍ଲକଗ୍ରାଣ୍ଟ ସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ଜିଲା ଶିକ୍ଷା ବିଭାଗର ଏପରି ନିଷ୍ପତ୍ତିକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଗୁରୁବାରଠାରୁ ସ୍କୁଲକୁ ବନ୍ଦ ରଖାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ଅନୁଗୋଳ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ଶିକ୍ଷା ଅଧିକାରୀ, ପାଲଲହଡ଼ା ଉପଜିଲାପାଳ, ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଢେଙ୍କାନାଳ ଏମ୍‌ପି ଓ ପାଲଲହଡ଼ା ବିଧାୟକଙ୍କୁ ମଧ ପ୍ରଦାନ କରାଯାଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀଙ୍କୁ ଯୋଗଯୋଗ କରାଯାଇଥିଲେ ମଧ ସେ କିଛି ମତାମତ ଦେଇ ନ ଥିଲେ।

# ୨ ପ୍ରକଳ୍ପର ଶିଳାନ୍ୟାସ

ଛେଣ୍ଡିପଦା,୯।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକରେ ବୁଧବାର ୨ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବିଧାୟକ ସୁଶାନ୍ତ କୁମାର ବେହେରା। ପାତ୍ରପଡା ପଞ୍ଚାୟତର ବାସୁଦେବ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଦୋଳମଣ୍ଡପ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଯୋଗଦେଇଥିଲେ। ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ପ୍ରଦୀପ କୁମାର ସାହୁ, ଗ୍ରାମ ସଭାପତି ଚୈତନ୍ୟ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସମିତିସଭ୍ୟ ଦିପକ ସାହୁ, ହିମାଂଶୁ ସ୍ୱାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଶିମିଳିପାଳ ପଞ୍ଚାୟତ ବରନାଳି ନିକଟରେ ଏଏନ୍‌ଏମ୍ ସେଣ୍ଟରର ଶିଳାନ୍ୟାସ ବିଧାୟକ କରିଥିଲେ। ଜିଲା ପରିଷଦ ସଦସ୍ୟ ନଗେନ୍ଦ୍ର କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ଅମରେଶ ନାଥ, ସତ୍ୟବ୍ରତ ଦେହୁରୀ, ଜୟନ୍ତ କୁମାର ସାହୁ, ଲିପୁ ମାଝୀ, ଗଣେଶ୍ୱର ବେହେରା, କୁନ୍ତଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ।



# କ୍ଷେତ ପରିଦର୍ଶନ କଲେ କୃଷି ବିଭାଗ ଅଧିକାରୀ

ମାଧପୁର, ୯।୧୧

### ଆଠମଲ୍ଲିକରେ ଚକଡ଼ା ପୋକ ଉପଦ୍ରବ

ଆଠମଲ୍ଲିକ ବ୍ଲକର ମାଧପୁର, କନ୍ଧପଡ଼ା ଏବଂ କମ୍ପଲା ପଞ୍ଚାୟତରେ ଧାନ ଚାଷରେ ମାଟିଆଗୁଣ୍ଡି ବା ଚକଡା ପୋକ ଉପଦ୍ରବ ଦେଖାଦେଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତାରେ ପଡ଼ିଥିବା ବେଳେ ବର୍ଷକର ଆୟ ଉଜୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଚାଷୀମାନେ କୃଷି ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାଧପୁର ଅଞ୍ଚଳର ସାମାଜିକ କର୍ମୀ ପ୍ରିୟଦର୍ଶନୀ ସ୍ୱାଇଁ କୃଷି ବିଭାଗକୁ ଏ ନେଇ ଟୁଇଟ୍ କରିଥିଲେ। ଫଳରେ କୃଷି ବିଭାଗ ତରଫରୁ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଳ କୁମାର ସ୍ୱାଇଁ, ଜିଲା କୃଷି ବିଜ୍ଞାନ କମିଟିର ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, କୃଷି ଜିଲା ଅଧିକାରୀ ନାରାୟଣ ସେଠୀ, ଅତିରିକ୍ତ କୃଷି ଅଧିକାରୀ ଆଠମଲ୍ଲିକ ରାଜେନ୍ଦ୍ର ଦାସ, କନ୍ଧପଡ଼ା ପଞ୍ଚାୟତ କୃଷି ଅଧିକାରୀ ବାବୁଲା ସାହୁ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ପାତ୍ରପଡ଼ା, ରାଉତପଡ଼ା, କମ୍ପଲା, ଡେବେରାପାଲି ଆଦି ଅଞ୍ଚଳ ଗସ୍ତକରି ପୋକ ଉପଦ୍ରବ ଦେଖିବା ସହ ପ୍ରତିକାର ପାଇଁ ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ୫୦ ପ୍ରତିଶତ ସବ୍‌ସିଡିରେ ଔଷଧ ଯୋଗାଇବାର ବ୍ୟବସ୍ଥା କରାଯାଉଛି ବୋଲି ଆଠମଲ୍ଲିକ ଅତିରିକ୍ତ କୃଷି ଅଧିକାରୀ ରାଜେନ୍ଦ୍ର ଦାସ ସୂଚନା ଦେଇଥିଲେ।



କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ପଦୋନ୍ନତି ଦାବିରେ ଅନଶନ

ବଆଁରପାଳ, ୯।୧୧ (ଡି.ଏନ.ଏ.)



ନାଲ୍‌କୋ ଅଫିସର୍ସ ଆସୋସିଏଶନ ପକ୍ଷରୁ ଅନଶନ କରାଯାଉଛି।

ଅନୁଗୋଳ ଜିଲା ନାଲ୍‌କୋ ଅଫିସର୍ସ ସଂଘର କର୍ମକର୍ତ୍ତାମାନେ ବାକିଥିବା ଡିପାର୍ଟମେଣ୍ଟାଲ ପ୍ରମୋଶନ ଦାବିରେ ବୁଧବାର ଏସ୍‌ଏଣ୍ଡପି କମ୍ପ୍ଲେକ୍ସର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ଗତ ୨ ତାରିଖରେ ଇଡିଙ୍କୁ ପତ୍ର ଲେଖି ୮ ତାରିଖ ମଧ୍ୟରେ ଡିପାର୍ଟମେଣ୍ଟାଲ ପ୍ରମୋଶନ କରା ନ ଗଲେ ୯ ତାରିଖ ସକାଳ ୧୦ଟାରେ କଳା ବ୍ୟାଜ୍ ପରିଧାନ ସହ ଅନଶନରେ ବସିବେ ବୋଲି ଜଣାଇ ଦେଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ଏ ପ୍ରକାର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହୋଇଛି। ୨୦୨୧ ଡିପାର୍ଟମେଣ୍ଟାଲ ପ୍ରମୋଶନ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ସେହିପରି ୨୦୨୨ ଡିପାର୍ଟମେଣ୍ଟାଲ ପ୍ରମୋଶନ ମଧ କୌଣସି ଗ୍ରେଡ୍ ପାଇଁ କରାଯାଇନାହିଁ। ପ୍ଲାଣ୍ଟରୁ କ୍ରମାଗତ ଭାବେ ଅଧିକାରୀମାନେ ଅବସର ନେଉଥିବାରୁ କାର୍ଯ୍ୟରତ ଅଧିକାରୀମାନଙ୍କ ଉପରେ କାର୍ଯ୍ୟ ବୋଝ ବଢୁଛି। ତଥାପି ଉତ୍ପାଦନ ଲକ୍ଷ୍ୟ ପୂରଣ କରାଯାଉଛି। କିନ୍ତୁ ପଦୋନ୍ନତି ନ ଦେଇ ସେମାନଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିବା ଅସନ୍ତୋଷ ସୃଷ୍ଟି କରିଛି। ୨୦୦୮ ମସିହା ପୂର୍ବରୁ ବର୍ଷକୁ ଦୁଇ ଥର ଡିପାର୍ଟମେଣ୍ଟାଲ ପ୍ରମୋଶନ ହେଉଥିବାବେଳେ ଗତ ୮ ବର୍ଷ ଧରି ବର୍ଷକୁ ଗୋଟିଏ ପ୍ରମୋଶନ ମଧ ଠିକ୍ ସମୟରେ ହେଉନାହିଁ। ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ଦାବି ନେଇ ସଂଘ ସଭାପତି ପ୍ରସନ୍ନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି ବନମାଳୀ ସେଠୀ ଓ ନିର୍ମଳ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କିଶୋର କୁମାର ବେହେରା, ମୋଜେସ କେରକେଟା, ଗୌତମ ନାୟକ, ବନବାସୀ ନାୟକ, ପୀୟୂଷ ରଞ୍ଜନ ପତି, ଅଶୋକ ମୁଦୁଲି, କୈଳାଶ ସିଆଳ, କଲ୍ଲୋଳ ବାଲା, ବିଶ୍ୱାମିତ୍ର ଭାରତୀ, ପ୍ରକାଶ ସାହୁ, ଜଗଦୀଶ ମିଶ୍ର ପ୍ରମୁଖ ଶତାଧିକ ଅଫିସର ଅନଶନରେ ବସିଛନ୍ତି। ପ୍ଲାଣ୍ଟରେ କାର୍ଯ୍ୟକରୁଥିବା ଅନ୍ୟ ଅଧିକାରୀମାନେ ମଧ ନୀରବ ପ୍ରତିବାଦ କରୁଛନ୍ତି।

## ସଂକ୍ଷେପରେ

### ଦୁଇ ଅମିନ ପିଟାପିଟି

ଢେଙ୍କାନାଳ ଅଫିସ, ୯।୧୧

ଅଫିସ୍ କାର୍ଯ୍ୟକୁ ନେଇ ବିବାଦ। ଏହାକୁ କେନ୍ଦ୍ରକରି ପିଟାପିଟି ହୋଇଛନ୍ତି ଦୁଇଜଣ ଅମିନ। ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ଜିଲା କାର୍ଯ୍ୟାଳୟରେ ଅନୁଗୋଳ-ଢୁବୁରୀ-ସୁକିନ୍ଦାରୋଡ୍ ନୂତନ ଓସାରିଆ ରେଳପଥର ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ଅଫିସ୍‌ରେ ଦୁଇ ଅମିନଙ୍କ ମଧ୍ୟରେ କୌଣସି କାର୍ଯ୍ୟକୁ ନେଇ ବିବାଦ ରହିଥିଲା। ଏହାକୁ ନେଇ ସର୍ବସମ୍ମୁଖରେ ଦୁହେଁ ପରସ୍ପରକୁ ଫାଇବର ପଞ୍ଚରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ଅମିନଙ୍କ ମୁଣ୍ଡ ଫାଟି ଯାଇଥିବାବେଳେ ଅନ୍ୟଜଣଙ୍କ ମୁହଁରେ ଆଘାତ ଲାଗିଛି। ସୂଚନା ପାଇ ଟାଉନ ଥାନା ପୋଲିସ ଉଭୟଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ଥାନାକୁ ଆଣି ପଚରାଉଚରା କରିଥିଲା। ତେବେ ରାତି ସାଢେ ୮ଟା ସୁଦ୍ଧା ଉଭୟ ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ତେଣୁ ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଏହି ଘଟଣାର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

# ଡିସେମ୍ବରରୁ 'ଗଜରକ୍ଷା, ଜନସୁରକ୍ଷା'

- ଢେଙ୍କାନାଳରେ ହାତୀ-ମଣିଷ ସଂଘର୍ଷ ରୋକିବାକୁ ପ୍ରୟାସ
- ଅଭିଯାନର ସଫଳତାକୁ ନେଇ ବନ ବିଭାଗ ଆଶାବାଦୀ
- ପ୍ରଥମ ପର୍ଯ୍ୟାୟରେ ୧୦ ହାତୀ ଉପଦ୍ରୁତ ଗ୍ରାମ ଚିହ୍ନଟ

ଢେଙ୍କାନାଳ ଅଫିସ, ୯।୧୧



ହାତୀ-ମଣିଷ ସଂଘର୍ଷ ଅପବାଦର କଳଙ୍କ ଲିଭାଇବାକୁ ପୁଣି ଥରେ ପ୍ରୟାସ ଆରମ୍ଭ କରିଛି ଢେଙ୍କାନାଳ ବନ ବିଭାଗ। ଜନବସତିମୁହାଁ ହାତୀପଲ ଏବଂ ସେମାନଙ୍କ ଉପଦ୍ରବରୁ ଧନଜୀବନକୁ ସୁରକ୍ଷା ଦେବାକୁ ଆରମ୍ଭ ହେବ ନୂଆ ଅଭିଯାନ 'ଗଜରକ୍ଷା, ଜନସୁରକ୍ଷା'। ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲାର ୧୦ ହସ୍ତୀ ଉପଦ୍ରୁତ ଗ୍ରାମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ହାତୀ-ମଣିଷ ବିବାଦ ପ୍ରତିହତ କରିବାକୁ କାର୍ଯ୍ୟକାରୀ ଅଧଡଜନେ ଯୋଜନା ଫେଲ୍ ମାରିଥିବା ବେଳେ ପ୍ରସ୍ତାବିତ ନୂତନ ଅଭିଯାନ ଫଳପ୍ରସୂ ହେବ ବୋଲି ଆଶା ବାନ୍ଧିଛି ବନ ବିଭାଗ।

ହାତୀ ଶିକାର ହେଉ କି ହାତୀ ମୃତ୍ୟୁ ଅଥବା ହାତୀ ଆକ୍ରମଣରେ ମଣିଷ ଜୀବନ ଯିବା, ସବୁଥିରେ ରାଜ୍ୟରେ ୧ ନମ୍ବର ଢେଙ୍କାନାଳ ଜିଲା। ଏହାକୁ ନେଇ ଚିନ୍ତାରେ ପଡ଼ିଛି ବନ ବିଭାଗ । ଏଥିଲାଗି ଯୋଜନା ପରେ ଯୋଜନା କରାଯାଉଥିଲେ ମଧ୍ୟ ତାହା କାମ ଦେଉନାହିଁ। ଏସବୁ ମଧ୍ୟରେ ହାତୀ-ମଣିଷ ସଂଘର୍ଷ ଏଡ଼ାଇବାକୁ ଡିସେମ୍ବରରୁ କାର୍ଯ୍ୟକାରୀ ହେବାକୁ ଯାଉଛି 'ଗଜରକ୍ଷା, ଜନସୁରକ୍ଷା'। ସାଧାରଣତଃ ଧାନ ଅମଳ ସମୟରେ ହାତୀ ଉପଦ୍ରବରୁ ଏହି ଅଭିଯାନ ଧନଜୀବନକୁ ସୁରକ୍ଷା ଦେବ ବୋଲି ବନ ବିଭାଗ ଆଶା ବାନ୍ଧିଛି।

ପ୍ରଥମ ପର୍ଯ୍ୟାୟରେ ଜିଲାର ମହାବିରୋଡ, ହିନ୍ଦୋଳ ଓ ସଦର ରେଞ୍ଜ୍ ଅଧୀନ ୧୦ ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ଗ୍ରାମଠାରୁ ହାତୀଙ୍କୁ ଦୂରରେ ରଖିବାକୁ ସୋଲାର ଫ୍ୟାନ୍‌ସିଂ ବ୍ୟବସ୍ଥା କରାଯିବ। ଏଥିପାଇଁ ୯୦% ଅର୍ଥ ରାଜ୍ୟ ସରକାର ପ୍ରଦାନ କରୁଥିବାବେଳେ ୧୦% ଅର୍ଥ ସମ୍ପୃକ୍ତ ଗ୍ରାମବାସୀଙ୍କଠାରୁ ଆଦାୟ କରାଯିବ। ମହାବିରୋଡ ରେଞ୍ଜ୍ ଖାଲପାଳ ଗ୍ରାମରୁ ଏହା କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଥିବାବେଳେ ଏଥିଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଖୁବ୍‌ଶୀଘ୍ର ଜିଲାରେ 'ଗଜରକ୍ଷା, ଜନ ସୁରକ୍ଷା' ଯୋଜନା ଆରମ୍ଭ ହେବ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ୧୦ ଗ୍ରାମ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ଗ୍ରାମର ପରିଧି ଅନୁଯାୟୀ ସୋଲାର ଫ୍ୟାନ୍‌ସିଂ କରାଯିବ। ଜିଲାରେ ହାତୀ-ମଣିଷ ବିବାଦ ରୋକିବାରେ ଏହି ଯୋଜନା ଫଳପ୍ରଦ ହେବ ବୋଲି ଆଶା କରାଯାଉଥିବା ଡିଏଫ୍‌ଓ କହିଛନ୍ତି।

### ୫ ବର୍ଷରେ ୮୦ ହାତୀ, ୧୨୪ ମଣିଷ ମୃତ

ଢେଙ୍କାନାଳ ଜିଲାରେ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ଧାରଣ କରିଛି। ୫ ବର୍ଷରେ ବିଭିନ୍ନ କାରଣରୁ ୮୦ ହାତୀଙ୍କ ଜୀବନ ଯାଇଛି। ସେହିପରି ହାତୀ ଆକ୍ରମଣରେ ୧୨୪ ଜଣଙ୍କ ପ୍ରାଣହାନି ଘଟିଛି। ହାତୀ ସୁରକ୍ଷା ପାଇଁ କଟକ ଜିଲା ରାଜ ଆଠଗଡ଼ ଏବଂ ଢେଙ୍କାନାଳ ଜିଲା ଯୋରନ୍ଦା ରୋଡ୍ ରେଳଷ୍ଟେଶନ ମଧ୍ୟରେ କପିଳାସ ଅଭୟାରଣ୍ୟରେ ରେଳଧାରଣା ଉପରେ ୧୦୦ମିଟର ଓସାର ବିଶିଷ୍ଟ ଓଭରପାସ୍ ନିର୍ମାଣ ନିମନ୍ତେ ଡିଜାଇନ କାମ ଶେଷ ହୋଇଛି। ଏହି ରାସ୍ତାରେ ଥରକେ ୨୨ ହାତୀ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାତାୟାତ କରିପାରିବେ। ଏଥିପୂର୍ବରୁ ୫୫ନଂ. ଜାତୀୟ ରାଜପଥରେ ହାତୀ ପାର ହେଉଥିବା ସ୍ଥାନରେ ଲୋକଙ୍କୁ ସତର୍କ କରାଇବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରେଡ୍‌ଲାଇଟ୍, ସାଇରନ୍ ବ୍ୟବସ୍ଥା କରାଯାଇଥିଲା। ତେବେ ଏହା ଅଧିକାଂଶ ସମୟରେ ଅଚଳ ହୋଇପଡୁଛି। ୫୫ନଂ. ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ସରୁ ନ ଥିବାରୁ ଅଣ୍ଡରପାସ୍ ନିର୍ମାଣ ହୋଇପାରୁନାହିଁ। ହାତୀ ଉପଦ୍ରୁତ ଗ୍ରାମରେ ମହୁମାଛି ବାକ୍ସ ରଖାଯାଇଛି। ଏସବୁ ସତ୍ତ୍ୱେ ଜିଲାରେ ହାତୀ ଆତଙ୍କ ଥମୁନାହିଁ, ଯାହା ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି।

# କୀର୍ତ୍ତିରାଣୀ, ମିହିର, ମାନସଙ୍କୁ ସ୍ୱର୍ଣ୍ଣ



ପଦକ ହାସଲ କରିଥିବା ଖେଳାଳିଙ୍କୁ ଜିଲାପାଳ ଶୁଭେଚ୍ଛା ଜଣାଉଛନ୍ତି।

ଢେଙ୍କାନାଳ ଅଫିସ, ୯।୧୧

**ଅନ୍ତର୍ଜାତୀୟ କିକ୍ ବକ୍ସିଂ**

ନୂଆଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଦ୍ୱିତୀୟ ୱାକୋ ଇଣ୍ଡିଆ ଓପନ ଇଣ୍ଟରନାଶନାଲ କିକ୍ ବକ୍ସିଂ ପ୍ରତିଯୋଗିତା-୨୦୨୨ରେ ଚମକିଛନ୍ତି ଢେଙ୍କାନାଳର ୪ ପ୍ରତିଯୋଗୀ। ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନର କୀର୍ତ୍ତିରାଣୀ ସାହୁ ୭୦କେଜି ପଏଣ୍ଟ ଫାଇଟ୍, ୭୦ କେଜି କିକ୍ ଲାଇଟ୍ ଓ ହାର୍ଡଷ୍ଟେୟର ଓ୍ୱିପନ୍‌ରେ ୩ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ମିହିର ସାହୁ ଏବଂ ମାନସ ରଞ୍ଜନ ଅମାନ୍ତ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଶୁଚିସ୍ମିତା ଅମାନ୍ତ ଗୋଟିଏ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଜିଲାପାଳ ସରୋଜ କୁମାର ସେଠୀ ବୁଧବାର ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ଆମେଚର କିକ୍ ବକ୍ସିଂ ଆସୋସିଏଶନ ଅଫ୍ ଓଡ଼ିଶାର ୨୩ ଖେଳାଳି ଭାଗ ନେଇଥିଲେ। ତନ୍ମଧ୍ୟରେ ଢେଙ୍କାନାଳ ଡାଇମଣ୍ଡ କିକ୍ ବକ୍ସିଂ ଆସୋସିଏଶନର ସମ୍ପୃକ୍ତ ୪ ଖେଳାଳି ସାମିଲ ଥିଲେ। ପ୍ରତିଯୋଗିତାରେ ଭାରତ, ଜୋର୍ଡାନ, ଉଜବେକିସ୍ତାନ, ଦକ୍ଷିଣ କୋରିଆର ୭୦୦ ଖେଳାଳି ଅଂଶଗ୍ରହଣ କରିଥିଲେ।

### ନଦୀରେ ବୁଡ଼ି ଜଣେ ମୃତ

କାମାକ୍ଷାନଗର, ୯।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଇନ୍ଦିପୁର ଗ୍ରାମ ନିକଟରେ ପ୍ରବାହିତ ରାମିଆଳ ନଦୀରେ ବୁଡ଼ିଯାଇ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଶାନ୍ତ ସେଠୀ (୪୫)। ସୁଶାନ୍ତ ନଦୀରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଚିକିତ୍ସାଳୟକୁ ଆଣିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ କାମାକ୍ଷାନଗର ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଶୀତବସ୍ତ୍ର ବଣ୍ଟନ

ଢେଙ୍କାନାଳ ଅଫିସ, ୯।୧୧

ଢେଙ୍କାନାଳ ସହର କାଠଗଡ଼ାସ୍ଥିତ କୁଞ୍ଜବିହାରୀ ଜରାଶ୍ରମରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଅନ୍ତେବାସୀଙ୍କୁ ଶୀତବସ୍ତ୍ର, ପାଣି ବୋତଲ ବଣ୍ଟନ କରିଛନ୍ତି। ଏଥିସହ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଇଥିଲେ। ଏସ୍‌ପି ସମସ୍ତଙ୍କୁ ଖାଦ୍ୟ ପରଷିବା ସହ ନିଜେ ଭୋଜନ କରିଥିଲେ। ନିର୍ଦ୍ଦେଶକ ସୁରେଶ ପଣ୍ଡା ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଶ୍ରୀ ଜଗନ୍ନାଥ ସେବା ପରିଷଦର ଜିଲା ସଭାପତି ପ୍ରଦ୍ୟୁମ୍ନ ରଥ, ଟାଉନ ଥାନାଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଜରାଶ୍ରମ ପରିଚାଳକ ସୀତାଂଶୁ ପଣ୍ଡା ସଭା ପରିଚାଳନା କରିଥିଲେ।

# ନକଲି ବିଦେଶୀ ମଦ ଜବତ, ୬ ଗିରଫ

ଢେଙ୍କାନାଳ ଅଫିସ୍/ କାମାକ୍ଷାନଗର(ଡି.ଏନ୍.ଏ.), ୯।୧୧



ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ବୁଧବାର ଡୁମୁସିଙ୍ଗା ଗ୍ରାମରେ ଚଢ଼ାଉ କରି ନକଲି ବିଦେଶୀ ମଦ ଜବତ କରିଛି। ବେଆଇନ ମଦ ପ୍ରସ୍ତୁତିରେ ସମ୍ପୃକ୍ତି ଅଭିଯୋଗରେ ବିଜୟ ନାୟକ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କ ଘରୁ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ୧୯.୦୫ ଲିଟର ନକଲି ମଦ ଏବଂ ଏଥିରେ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। କାମାକ୍ଷାନଗର ଥାନା ଅଞ୍ଚଳରେ ଚୋରା ନକଲି ମଦ କାରବାର ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ଏ ନେଇ ଗଣମାଧ୍ୟମରେ ଖବର ପ୍ରସାର ପରେ ଅବକାରୀ ବିଭାଗର ଚେତାପଶିଛି। ଡୁମୁସିଙ୍ଗା ଗ୍ରାମରେ ନକଲି ମଦ ପ୍ରସ୍ତୁତ କରି ବିକ୍ରି କରାଯାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ କାମାକ୍ଷାନଗର ଅବକାରୀ ଅଧିକାରୀ ସଞ୍ଜୀବ କୁମାର ଶର୍ମା ସଦଳବଳ ଚଢ଼ାଉ କରିଥିଲେ।

ସେହିପରି ଜିଲାର ଅନ୍ୟ ସ୍ଥାନରୁ ୩.୬ ଲିଟର ଚୋରା ବିଦେଶୀ ମଦ ଏବଂ ୬୯ ଲିଟର ଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ମାନପୁର ଅଞ୍ଚଳର ପ୍ରହଲ୍ଲାଦ ବେହେରା, କାଞ୍ଚନ ନାୟକ, କାଳିଅଟାଳିଆ ଗ୍ରାମର ଦେବେନ୍ଦ୍ର କୁମାର ସାହୁ, କୁସୁପଙ୍ଗା ଗ୍ରାମର କୁଶବର ବେହେରା, କମଳାଙ୍ଗ ଗ୍ରାମର କମଳା ନାୟକଙ୍କୁ ଗିରଫ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।



ଜରାଶ୍ରମରେ ଅନ୍ତେବାସୀଙ୍କ ଗହଣରେ ଏସ୍‌ପିଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ।

### ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

ଢେଙ୍କାନାଳ ଅଫିସ, ୯।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଡେଙ୍ଗବୋରେଇ ଗ୍ରାମ ଖେଳପଡ଼ିଆରେ ବୁଧବାର ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁରୀ, କଟକ, ଭୁବନେଶ୍ୱର, ଆସ୍କା, ବାରଙ୍ଗ, ଯାଜପୁର, ଅନୁଗୋଳ, ଯାଜପୁର ଟାଉନ ଆଦି ଦଳ ଭାଗ ନେଇଛନ୍ତି। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରାଜକିଶୋର ସାହୁ ଯୋଗଦେଇଥିଲେ। ଅଲ୍ ଓଡ଼ିଶା କବାଡ଼ି ଆସୋସିଏଶନ ଅଫିସିଆଲ ସଭ୍ୟ ଏହାର ପରିଚାଳନା କରୁଥିବାବେଳେ ଗ୍ରାମ ଯୁବକ ସଂଘ ସଦସ୍ୟ ଏଥିରେ ସହଯୋଗ କରୁଛନ୍ତି। ଖେଳ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ କ୍ରୀଡ଼ାପ୍ରେମୀଙ୍କ ଭିଡ଼ ଜମୁଛି।

# ଆଦର୍ଶ ସାଜିଛନ୍ତି ଏସ୍‌ଏଚ୍‌ଜି ମହିଳା

ଢେଙ୍କାନାଳ ଅଫିସ, ୯।୧୧

- ଜିଲାସ୍ତରୀୟ ମିଶନଶକ୍ତି ଇନ୍‌ଭେଷ୍ଟର୍ସ ମିଟ୍
- ୧୦ ଜିଲାର ଆହାର କେନ୍ଦ୍ରରେ ଢେଙ୍କାନାଳ ଆଚାର
- ସିଲାଇ ପ୍ରଶିକ୍ଷଣ ନେଇଛନ୍ତି ୨୫୦ ଗ୍ରୁପ୍



ସୁଜାତା କାର୍ତ୍ତିକେୟନ।

ଢେଙ୍କାନାଳର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନେ ରାଜ୍ୟରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଜିଲାକୁ ଆଦର୍ଶ ଜିଲାରେ ପରିଣତ କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳା ଗୋଷ୍ଠୀର ଉତ୍ପାଦିତ ସାମଗ୍ରୀର ବଜାରୀକରଣ ଲାଗି ଭୁବନେଶ୍ୱରରେ ମିଶନଶକ୍ତି ବଜାର ପ୍ରତିଷ୍ଠା କରାଯିବ। ମା'ମାନେ ରୋଷେଇ ଶାଳରୁ ବାହାରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ। ସେମାନଙ୍କୁ ବ୍ୟାଙ୍କ ଋଣ ସମେତ ଅନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ଓଡ଼ିଶା ମିଶନ ଶକ୍ତି କମିଶନ ସଚିବ ସୁଜାତା କାର୍ତ୍ତିକେୟନ। ସ୍ଥାନୀୟ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ମିଶନ ଶକ୍ତି ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସେ ଏହା କହିଛନ୍ତି।

ଏଚ୍‌ଏଚ୍‌ଜି ପକ୍ଷରୁ ଉତ୍ପାଦିତ ସାମଗ୍ରୀର ବିପଣନ ପାଇଁ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏହି ଇନ୍‌ଭେଷ୍ଟର୍ସ ମିଟ୍ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳର ମିଶନ ଶକ୍ତି ମହିଳାଙ୍କ କାର୍ଯ୍ୟ କୁଶଳତା ସମ୍ପର୍କରେ ସୂଚନା ଦେଇ ମିଶନ ଶକ୍ତି କମିଶନ ସଚିବ କାର୍ତ୍ତିକେୟନ କହିଲେ, ଜିଲା ଏସ୍‌ଏଚ୍‌ଜି ମିଶନଶକ୍ତି ମହାସଂଗ୍ରାମ ଗଠନ କରି ବନମାଳୀପ୍ରସାଦ ଅଞ୍ଚଳରେ ଏକ ଆଚାର ପ୍ରସ୍ତୁତି ପ୍ରକଳ୍ପ ପ୍ରତିଷ୍ଠା କରିଛନ୍ତି। ଏଥିରେ ୮୧ ଲକ୍ଷ ୮୯ ହଜାର ଟଙ୍କା ବ୍ୟୟ କରାଯାଇଛି। ସେଥିରୁ ୧୮ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ଏବଂ ଏସ୍‌ଏଚ୍‌ଜି ପକ୍ଷରୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପ୍ରକଳ୍ପରୁ ପ୍ରସ୍ତୁତ ଆଚାର ବଲାଙ୍ଗୀର, ବୌଦ୍ଧ, ସୋନପୁର, ଅନୁଗୋଳ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ସମ୍ବଲପୁର ଜିଲାର ଆହାର କେନ୍ଦ୍ରକୁ ଯୋଗାଣ ହେଉଛି। ଜିଲାରେ ୨୫୦ ଷ୍ଟିଚିଂ ଗ୍ରୁପ୍ ହୋଇଛି। ଏହାର ନାମ 'ଫାଶନ ଡିଜାଇନର ସେଣ୍ଟର' ରଖାଯାଇଛି। ମହିଳା ଉଦ୍ୟୋଗୀମାନେ ଆଗକୁ ଆସି ଅଭିଯାନର ଲକ୍ଷ୍ୟ ସଫଳ କରିବାକୁ ସଚିବ କାର୍ତ୍ତିକେୟନ ଆହ୍ୱାନ ଦେଇଛନ୍ତି।

ଉତ୍ସବରେ ସଭାପତିତ୍ୱ କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଫିନାଇଲ୍, ଆଚାରକୁ ଜିଲାର ସମସ୍ତ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷ କିଣିବେ। ଏଥିଲାଗି ପଦକ୍ଷେପ ନେବାକୁ ସେ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସାମଗ୍ରୀର ପ୍ୟାକେଜିଂ, ବ୍ରାଣ୍ଡିଂ, ମାର୍କେଟିଂ ପ୍ରତି ଧ୍ୟାନ ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ପ୍ରଶାସନ, ମହିଳା ଉଦ୍ୟୋଗୀ, ଚାମ୍ବର ଅଫ୍ କମର୍ସ ଏବଂ ଫିକି ଏଫ୍‌ଏଲ୍‌ଓର ସଦସ୍ୟଙ୍କୁ ଏକ କମିଟି ଗଠନ ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ମହିଳା ଉଦ୍ୟୋଗୀ ସୋନାଲ ମୋରେ, ରାକ୍ଷୀ ମହାନ୍ତି ଆଲୋଚନାରେ ଭାଗନେଇ ଜିଲାର ଏସ୍‌ଏଚ୍‌ଜି ମହିଳା ଆଗକୁ ଆସି ଆର୍ଥିକ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ମିଶନଶକ୍ତି ଓଏସ୍‌ଡି ସୁଧାଂଶୁ ଶେଖର, ଢେଙ୍କାନାଳ ଶିଳ୍ପ ଓ ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ, ଏସ୍‌ଏଚ୍‌ଜି ସଦସ୍ୟା ଜୟନ୍ତୀ ବେହେରା, ଅନସୂୟା ସାହୁ ପ୍ରମୁଖ ନିଜର ଅନୁଭୂତି ବାଣ୍ଟିଥିଲେ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଉପଜିଲାପାଳ ସ୍ମିତ୍ତାରାଣୀ ଧଳ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ମନୋଲିସା ଭଞ୍ଜ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ ସ୍ୱାଗତ ଭାଷଣ ଦେଇଥିଲେ।







ଜିଲାସ୍ତରୀୟ ମିଶନଶକ୍ତି ଇନଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଅତିଥି (ବାମ)। ଉପସ୍ଥିତ ଏସ୍‌ଏଚ୍‌ଜି ମହିଳା।

## ସଂକ୍ଷେପରେ

### ଚୋରି ଅଭିଯୁକ୍ତ ଗିରଫ

ଛେଣ୍ଡିପଦା, ୯।୧୧ (ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗ୍ରାମ ବିଦ୍ୟାଳୟ ନିକଟରେ ଥିବା ଏକ ଜଳଖିଆ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ପୋଲିସ କହିଛି, ମଙ୍ଗଳବାର ରାତିରେ ଉକ୍ତ ଜଳଖିଆ ଦୋକାନରୁ ସେହି ଗ୍ରାମର ଜିତେନ୍ଦ୍ର ଦେହୁରୀ ଓ ପ୍ରଭାକର ନାଏକ ରାସନ ସାମଗ୍ରୀ ଓ ଗ୍ୟାସ ଟାଙ୍କି ଚୋରି କରି ନେଇ ଯାଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ। ଏ ନେଇ ଲିପନ ସାହୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୫୬୨/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ପରୀକ୍ଷା ପରିଚାଳନାରେ ଦୁର୍ନୀତିର ତଦନ୍ତ ଦାବି

ଅନୁଗୋଳ ଅଫିସ, ୯।୧୧- ଏ.ଏସ୍.ଓ. ପରୀକ୍ଷା ପରିଚାଳନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସିବା ପରେ ଏହାର ତଦନ୍ତ ଦାବି କରିଛି ଏଆଇଡିୱାଇଓ ଓଡ଼ିଶା ରାଜ୍ୟ କମିଟି। ଏହି ଦୁର୍ନୀତିରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ପରୀକ୍ଷାର କଟ୍ ଅଫ୍ ମାର୍କ ପ୍ରକାଶ କରିବା ଏବଂ ଉତ୍ତରଖାତାର ନକଲ ପରୀକ୍ଷାର୍ଥୀମାନଙ୍କୁ ଯୋଗାଇ ଦେବାକୁ ଡିୱାଇଓ ଓଡ଼ିଶା ରାଜ୍ୟ କମିଟି ସଭାପତି ମାନସ ପାଲ ଏବଂ ସମ୍ପାଦକ କେଦାରନାଥ ସାହୁ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଦାବି କରିଛନ୍ତି।

# ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

## ୪ ନିର୍ବାଚନମଣ୍ଡଳୀରେ ସଂକ୍ଷିପ୍ତ ସଂଶୋଧନ ଆରମ୍ଭ

ଢେଙ୍କାନାଳ ଅଫିସ, ୯।୧୧



ବୈଠକରେ ଜିଲାପାଳ, ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ।

ଢେଙ୍କାନାଳ ଜିଲାର ୪ ନିର୍ବାଚନମଣ୍ଡଳୀରେ ବୁଧବାର (ନଭେମ୍ବର ୯) ଠାରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଡିସେମ୍ବର ୮ ଯାଏ ଚାଲିବ। ଏଥିପାଇଁ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ସମସ୍ତ ମତଦାନ କେନ୍ଦ୍ରରେ ଭୋଟର ତାଲିକା ଚିଠା ପ୍ରକାଶିତ ହୋଇଛି। ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅନୁପସ୍ଥିତ କିମ୍ବା ସ୍ଥାନାନ୍ତରିତ ହୋଇଥିବା ଭୋଟର ଏବଂ ମୃତବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା, ଆବଶ୍ୟକ ସଂଶୋଧନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏ ନେଇ ଜିଲା କାର୍ଯ୍ୟାଳୟ ସଦ୍ଭାବନା ଗୃହରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଏବଂ ଏଥିରେ ସମସ୍ତେ ସହଯୋଗ କରିବାକୁ ଜିଲାପାଳ ସରୋଜ କୁମାର ସେଠୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

୨୦୨୩ ଜାନୁୟାରୀ ୧ ତାରିଖ ସୁଦ୍ଧ, ୧୮ ବର୍ଷ ହୋଇଥିବା ବ୍ୟକ୍ତି ନୂତନ ଭୋଟର ଭାବେ ଅନ୍‌ଲାଇନ ମାଧ୍ୟମରେ ଫର୍ମ-୬ରେ ପଞ୍ଜୀକରଣ କରିପାରିବେ। ନଚେତ୍ ସମ୍ପୃକ୍ତ ବୁଥସ୍ତରୀୟ ଅଧିକାରୀ, ସହ ପଞ୍ଜୀକରଣ ଅଧିକାରୀ କିମ୍ବା ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଯେଉଁ ବ୍ୟକ୍ତିଙ୍କ ବୟସ ୧ ଏପ୍ରିଲ ୨୦୨୩, ୧ ଜୁଲାଇ ୨୦୨୩, ୧ ଅକ୍ଟୋବର ୨୦୨୩ ସୁଦ୍ଧା ୧୮ ବର୍ଷ ହେଉଥିବ ସେମାନେ ମଧ୍ୟ ଫର୍ମ-୬ରେ ଆଗୁଆ ନାମ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ। ଭୋଟର ତାଲିକାରୁ ନାମକୁ ବାଦ୍ ଦେବା ପାଇଁ ଅନଲାଇନ ମାଧ୍ୟମରେ ଫର୍ମ-୭, ବାସସ୍ଥାନ ସ୍ଥାନାନ୍ତରଣ ଓ ସଂଶୋଧନ ପାଇଁ ଫର୍ମ-୮ରେ ଆବେଦନ କରାଯିବା ସୁବିଧା ରହିଛି। ଏହି ଅଭିଯାନରୁ ଯେପରି କେହି ବାଦ୍ ନ ପଡ଼ନ୍ତି, ସେଥିଲାଗି ବୁଥସ୍ତରୀୟ ଅଧିକାରୀମାନେ ଗୃହ ପରିଦର୍ଶନ କରି ଦରଖାସ୍ତ ଫର୍ମ ସଂଗ୍ରହ କରିବା ବ୍ୟବସ୍ଥା କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।

# ସକାରାତ୍ମକ ପରିବର୍ତ୍ତନ ଆଣିବ 'ଆଶା'

ଢେଙ୍କାନାଳ ଅଫିସ, ୯।୧୧

ଢେଙ୍କାନାଳ କଲେଜ ରିଡିଙ୍ଗ୍ ରୁମ୍, ଇଣ୍ଟର କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ (ଆଇକ୍ୟୁଏସି) ମିଳିତ ଆନୁକୂଲ୍ୟରେ ୨୨ ଦିନିଆ ସିମ୍ପୋସିୟମ 'ଆଶା' ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନରେ ଆୟୋଜନ କରାଯାଉଛି। ଏହା ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଆଇକ୍ୟୁଏସି ମୁଖ୍ୟ ଡ. ପ୍ରଶାନ୍ତ କୁମାର ପରିଡ଼ା ଆଲୋଚନାରେ ଭାଗନେଇ କିପରି ଶିକ୍ଷାର ଗୁଣାତ୍ମକମାନ ଅଭିବୃଦ୍ଧି ହୋଇପାରିବ, ସେ ନେଇ ଆଲୋକପାତ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି କର୍ମଶାଳାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିବାବେଳେ 'ଆଶା'ର ଆବାହିକା ଅଧ୍ୟାପିକା ସୁମିତ୍ରା ବେହେରା ଛାତ୍ରୀଛାତ୍ରଙ୍କ ବହୁମୁଖୀ ପ୍ରତିଭାକୁ ବିକଶିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଫଳପ୍ରଦ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ନମିତା କୁମାରୀ ଦାସ ସୁସ୍ଥ ସମାଜ ଗଠନରେ ମାନସିକତାର ଭୂମିକା ସମ୍ପର୍କିତ ନିବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ରାୟ, ଡ. ସ୍ମରିତା ପ୍ରଧାନଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଯୁବଗୋଷ୍ଠୀଙ୍କୁ ନୂତନ ଭାବନା, ବ୍ୟକ୍ତିଗତ ଅନୁଶୀଳନ ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ।



ଢେଙ୍କାନାଳ କଲେଜରେ ଆଶା ଉଦ୍‌ଘାଟିତ।

# ଅସହାୟଙ୍କୁ ଆଇନଗତ ସହାୟତା ଯୋଗାଅ

ଢେଙ୍କାନାଳ ଅଫିସ, ୯।୧୧



କାର୍ଯ୍ୟକ୍ରମରେ ବିଚାରପତି ଏବଂ ଅନ୍ୟମାନେ।

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ବୁଧବାର ଜିଲା କାରାଗାର ପରିସରରେ ଜାତୀୟ ଆଇନ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାଜଜ୍ ତଥା ଅତିରିକ୍ତ ଜିଲାଜଜ୍ ସ୍ୱତନ୍ତ୍ର କୋର୍ଟ (ଭିଜିଲାନ୍ସ) ସବିତା ଦାସ, ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ ଯୋଗଦେଇ ଆଇନସେବା ପ୍ରାଧିକରଣର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମାଜରେ ଅବହେଳିତ ଏବଂ ଗରିବ ଲୋକଙ୍କୁ ଆଇନଗତ ସୁବିଧା ଯୋଗାଇଦେବାକୁ ଉଭୟେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ଅନ୍ତେବାସୀଙ୍କ ପାଇଁ ଥିବା ବିଭିନ୍ନ ଆଇନ ବିଷୟରେ ଆଲୋକପାତ କରିଥିଲେ। ମହିଳାମାନେ କିଭଳି ଆଇନ ମାଧ୍ୟମରେ ସଶକ୍ତ ହୋଇପାରିବେ ସେ ସମ୍ପର୍କରେ ସାମାଜିକ କର୍ମୀ ଶାନ୍ତି ମିଶ୍ର ଆଲୋଚନା କରିଥିଲେ। ଅନ୍ତେବାସୀଙ୍କ ଅଧିକାର କ୍ଷୁଣ୍ଣ ହେଲେ ସେମାନେ ପ୍ରାଧିକରଣର ଦ୍ୱାରସ୍ଥ ହୋଇପାରିବେ ବୋଲି ପ୍ରାଧିକରଣ ସଚିବ ମମତା ସାହୁ ସଚେତନ କରାଇଥିଲେ।

# ବିଏମ୍‌ଡବ୍ଲ୍ୟୁ ଚୋରି ମାମଲାରେ ୫ ଗିରଫ

## ଅନୁଗୋଳ ପୋଲିସକୁ ସଫଳତା

ଅନୁଗୋଳ ଅଫିସ, ୯।୧୧

ଅନୁଗୋଳ ସଦର ଥାନା ପୋଲିସ ବିଏମ୍‌ଡବ୍ଲ୍ୟୁ ବାଇକ୍ ଚୋରି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୩ ନାବାଳକ ଥିବା ବେଳେ ଅନ୍ୟ ୨ ଜଣ ବାଇକ୍ କିଣିଥିବା ବ୍ୟକ୍ତି ବୋଲି ସୂଚନା ମିଳିଛି। ୩ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ପୋଲିସ କହିଛି, ଏକ ଶିଳ୍ପ ସଂସ୍ଥାର ଇଞ୍ଜିନିୟର ସୌମ୍ୟ ରଞ୍ଜନ ଜେନାଙ୍କ ବିଏମ୍‌ଡବ୍ଲ୍ୟୁ ମୋଟରସାଇକେଲ (ନଂ. ଓଡି୨୧ଏମ୍ ୦୮୬୩) ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପ୍ରଗତିନଗର ଗାଣ୍ଡୁ ପଡିଆରେ ରହୁଥିବା ହଣ୍ଡପା ଥାନା ଅଞ୍ଚଳର ୨ ଓ ଠାକୁରଗଡ ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା କରିଥିଲା। ପରେ ସେମାନଙ୍କ ନିକଟରୁ ଚୋରି ବିଏମ୍‌ଡବ୍ଲ୍ୟୁ ବାଇକ୍ ସହ ଅନ୍ୟ ୫ଟି ଗାଡି ଜବତ କରାଯାଇଥିଲା। ଏହି ଚୋରାଗାଡି କିଣିଥିବା କଣିହାଁ ଥାନା କର୍ଣ୍ଣପୁର ଗ୍ରାମର ସମୟ ନାଏକ(୨୩) ଓ ପ୍ରକାଶ ସେଠୀ(୨୧)ଙ୍କୁ ଗିରଫ କରାଯାଇଛି। ଜବତ ବାଇକଗୁଡ଼ିକ ମଧ୍ୟରୁ ୨ଟି କରଡାଗାଡିଆ ଅଞ୍ଚଳର ଧ୍ରୁବ ସାହୁଙ୍କର ବୋଲି ଜଣାପଡ଼ିଛି। ଅନ୍ୟ ୩ଟି ଗାଡିର ଯାଞ୍ଚ ଚାଲିଛି। ସମ୍ପୃକ୍ତ ୩ ନାବାଳକ ଦିନରେ ସହରର ବୁଲି ବାଇକ୍ ଠାବ କରି ରାତିରେ ତାହାକୁ ଚୋରି କରିଥାନ୍ତି। ଏମାନଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।


ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ବାଇକ୍।

# ମା' ଦଶଦେବୀ କ୍ରିକେଟ୍: ନାଧରା ଚାମ୍ପିୟନ

ଢେଙ୍କାନାଳ ଅଫିସ, ୯।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଳରାମପ୍ରସାଦରେ ଚାଲିଥିବା ମା' ଦଶଦେବୀ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ବଳରାମପ୍ରସାଦକୁ ହରାଇ ନାଧରା ଚାମ୍ପିୟନ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦୁଷ୍ମନ୍ତ 'ମ୍ୟାନ୍ ଅଫ୍ ଦି ମ୍ୟାଚ' ଏବଂ ଶିବୁ 'ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ବଳରାମପ୍ରସାଦ ସରପଞ୍ଚ କାଞ୍ଚନବାଳା ରାଉତ, ଓଡ଼ାପଡ଼ା ବ୍ଲକ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ୧୬ ଦଳ ଭାଗ ନେଇଥିଲେ।


ଟ୍ରଫି ସହ ଚାମ୍ପିୟନ ନାଧରା ଦଳ।

# ଗଳାକାଟି ହତ୍ୟା ଉଦ୍ୟମ

ଛେଣ୍ଡିପଦା,୯।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଜରପଡା ଥାନା କତଡା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଜଣେ ଯୁବକଙ୍କ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, କତଡା ଗ୍ରାମର ଜନକ ମହାରଣା ଏବଂ ତାଙ୍କ ଶାଳକ କେରଜାଙ୍ଗ ଗ୍ରାମର ବିକି ମହାରଣା ସେହି ଗ୍ରାମର କାଳନ୍ଦୀ ଗୋଛାୟତଙ୍କ ସହିତ ମିଶି ଗତ ୬ ତାରିଖ ଅପରାହ୍ନରେ ମଦ୍ୟପାନ କରିଥିଲେ। ପରେ ପୂର୍ବ ଶତ୍ରୁତାକୁ ନେଇ ବିକି ଏକ ଧାରୁଆ ଅସ୍ତ୍ରରେ କାଳନ୍ଦୀଙ୍କ ବେକକୁ ଆକ୍ରମଣ କରିଥିଲେ। ଖବରପାଇ ପରିବାର ଲୋକେ କାଳନ୍ଦୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କାଳନ୍ଦୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୩୯୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ଛାଡ଼ଖାଇରେ ଆମିଷ ଦ୍ରବ୍ୟ କିଣିବାକୁ ବୁଧବାର ଅନୁଗୋଳ ଆମିଷ ମାର୍କେଟ୍‌ରେ ଭିଡ଼।

# ଟ୍ରକ୍‌ରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଚାଳକ ଉଦ୍ଧାର

ଛେଣ୍ଡିପଦା,୯।୧୧(ସ୍ୱ.ପ୍ର.)





ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା କୋଶଳା ଗ୍ରାମ ଅରୁଣ ଶହୀଦ ସ୍ତମ୍ଭ ନିକଟରେ ଥିବା ଏକ ଟ୍ରକ୍ ଭିତରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ଚାଳକ ହେଲେ କଟକ ଜିଲା ବଡମ୍ବା କ୍ରିଷ୍ଣପୁର ଅଞ୍ଚଳର ଉମେଶ ସିଂଙ୍କ ପୁତ୍ର ଚନ୍ଦନ ସିଂ(୨୧)। କୋଶଳା ଡ୍ରାଇଭର ସଂଘ ପକ୍ଷରୁ ଚାଳକଙ୍କୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

ଟ୍ରକ୍ ଚାଳକଙ୍କ କହିବା ମୁତାବକ, କଟକ ଅଞ୍ଚଳର ଉକ୍ତ ଟ୍ରକ୍ (ନଂ. ଓଡି୦୫ଭି- ୧୩୯୭) କଟକ ବୋର୍ଡ ଅଫିସରୁ ପ୍ରଶ୍ନପତ୍ର ନେଇ ସମ୍ବଲପୁର ଯାଇଥିଲା। ସେଠାରୁ ରସୁଣ ବୋଝେଇ କରି କଟକ ଅଭିମୁଖେ ଫେରୁଥିବାବେଳେ ରିଆମାଳ ଅଞ୍ଚଳରୁ ୨ଜଣ ଯୁବକ ଟ୍ରକ୍‌ରେ ଆସିଥିଲେ। ପରେ ଅନ୍ୟ ୨ ଯୁବକ ଟ୍ରକ୍‌ରେ ଚଢ଼ିଥିଲେ। ଏହାପରେ ସମ୍ପୃକ୍ତ ୪ ଯୁବକ ମିଶି ଚାଳକ ଚନ୍ଦନଙ୍କୁ ମାରପିଟ କରି ୬ହଜାର ଟଙ୍କା ଲୁଟି ନେବା ସହ ହାତ, ଗୋଡ ଓ ମୁହଁ ଗାମୁଛାରେ ବାନ୍ଧି ଦେଇଥିଲେ। ତେବେ ତେଲ ସରିଯିବାରୁ ଗାଡ଼ିକୁ ଛେଣ୍ଡିପଦା କୋଶଳା ଗ୍ରାମ ମୁଣ୍ଡରେ ରଖି ସେମାନେ ଫେରାର ହୋଇଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଏକ କୋଇଲା ବୋଝେଇ ଗାଡି ଚାଳକ ରସୁଣ ବୋଝେଇ ଟ୍ରକ୍ ନିକଟକୁ ଆସିବା ସହ ଚାଳକଙ୍କୁ ଏପରି ଅବସ୍ଥାରେ ଦେଖି କୋଶଳା ଡ୍ରାଇଭର ସଂଘକୁ ଖବର ଦେଇଥିଲେ। ସଂଘ କର୍ମକର୍ତ୍ତାମାନେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଛେଣ୍ଡିପଦା ଥାନା ପୋଲିସ ରସୁଣ ବୋଝେଇ ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଉକ୍ତ ଟ୍ରକ୍ ନିଖୋଜ ଥିବାନେଇ ମାଲିକ ପ୍ରଶାନ୍ତ କୁମାର ପାଣି କଟକ ସଦର ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି।

# ଦାବି ପୂରଣ ନ ହେଲେ ୧୧ରେ ବନ୍ଦ ପାଳନ

## ତାଳଚେର ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି

ତାଳଚେର, ୯।୧୧ (ନି.ପ୍ର.)


ବୈଠକରେ ଉପସ୍ଥିତ ଓକିଲ ସଂଘ ସଦସ୍ୟ ଓ ଅନ୍ୟମାନେ।

ତାଳଚେର ଓକିଲ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ୧୩ ଦିନରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଦାବି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରତିବାଦରେ ବୁଧବାର ଓକିଲ ସଂଘ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ମଧୁବାବୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଲଲହଡା, କଣିହାଁ ଓ ତାଳଚେର ଅଞ୍ଚଳର ସମସ୍ତ ରାଜନୈତିକ ଦଳର ନେତା, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, କାଉନସିଲର, ବୁଦ୍ଧିଜୀବୀ, ବଣିକ ସଂଘ କର୍ମକର୍ତା, ଟ୍ରେଡ୍ ୟୁନିଅନ୍ କର୍ମକର୍ତ୍ତା, ଟ୍ରକ୍ ଓ ବସ୍ ମାଲିକ ସଂଘ କର୍ମକର୍ତ୍ତା, ସାମାଜିକ କର୍ମୀମାନେ ଯୋଗଦେଇ ଓକିଲମାନଙ୍କ ନାମରେ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଓ ଏପରି ମକଦ୍ଦମା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକୁ ସମର୍ଥନ କରିଥିଲେ। ୧୦ ତାରିଖ ଗୁରୁବାର ମଧ୍ୟରେ ଦାବିଗୁଡିକ ପୂରଣ ନ ହେଲେ ୧୧ ତାରିଖ ସକାଳ ୬ ରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ତାଳଚେର ଓ ପାଲଲହଡା ଉପଖଣ୍ଡରେ ବନ୍ଦ ପାଳନ ପାଇଁ ବୈଠକରେ ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ ତାଳଚରେ ଓକିଲ ସଂଘର ସମସ୍ତ ସଦସ୍ୟ, ଅଶୋକ ମହାନ୍ତି, ଚନ୍ଦନ ସ୍ୱରାଜ, ମନୋଜ ପ୍ରଧାନ, ମହର୍ଗା ବେହେରା, ମାନସ ବାଇ, ପଦ୍ମ ଲୋଚନ ସାମଲ, ରଞ୍ଜିତ ମହାପାତ୍ର, ଦେବରଞ୍ଜନ ସାମଲ, ପ୍ରକାଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ଉପସଭାପତି ମାନସ ରଞ୍ଜନ ଶତପଥୀ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂ ପରିଚାଳନାରେ ସହଯୋଗ କରିଥିଲେ।

